# ପ୍ରେରଣା

## ମାସିକ ଓଡ଼ିଆ
## ସାହିତ୍ୟ ଇ-ପତ୍ରିକା

ଜାନୁୟାରୀ, ୨୦୧୯

ଚତୁର୍ଥ ସଂସ୍କରଣ

ପ୍ରତିଷ୍ଠାତା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

# ପ୍ରେରଣା

## ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଜାନୁୟାରୀ,୨୦୧୯ I ଚତୁର୍ଥ ସଂସ୍କରଣ



ଭାଷା,ସାହିତ୍ୟ ଓ ଭାବନାର ମଧୁର ମିଳନ

ପ୍ରତିଷ୍ଠାତା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ଜହ୍ନିତଇଳା, ବାରଦା,

ଢେଙ୍କାନାଳ

ସମ୍ପାଦକ

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

ଜହ୍ନିତଇଳା, ବାରଦା,

ଢେଙ୍କାନାଳ

8908279130

8908279130

emagazineprerana@gmail.com

www.facebook.com/preranaodia/

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ, କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ଥୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ, ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ  ଅଭାବରୁ I ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁର୍ପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି  ଯାଉଛନ୍ତି ।

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରସଂଶିତ ସ୍ରଷ୍ଟା ମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକ ଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" I ଯେକୌଣସି ପ୍ରତିକୂଳ ପରିସ୍ଥିତିରେବି, ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ, ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟ ପ୍ରେମୀ ବନ୍ଧୁ ମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟ ଅନୁଦାନ ଅର୍ପଣ କରିବା ପାଇଁ ହିଁ  "ପ୍ରେରଣା"ର ସୃଷ୍ଟି ।

ଏହି ମାଧମଟି ଆପଣଙ୍କୁ ସାମାନ୍ୟତମ ପ୍ରୋତ୍ସାହନ ପ୍ରଦାନ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**ସମ୍ପାଦକ**

**ପ୍ରେରଣା**

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

# ସହୃଦୟ ପାଠକ ପାଠିକା ମାନଙ୍କ ପ୍ରତି...

ପ୍ରେରଣା ଇ-ପତ୍ରିକାକୁ ଶତ-ପ୍ରତିଶତ ନିର୍ଭୁଲ ଭାବରେ ପ୍ରକାଶ କରିବା ପାଇଁ ଆମ୍ଭେମାନେ ଚେଷ୍ଟିତ । ଯେହେତୁ ଏହା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟିର ଏକ ସଂକଳନ ମାତ୍ର, ସେମାନଙ୍କର ଭାବ ଏବଂ ସାହିତ୍ୟିକ ତ୍ରୁଟିକୁ ପରିବର୍ତ୍ତନ କରିବା ସମ୍ଭବପର ନୁହେଁ I ଆମ୍ଭେ କେବଳ ଭାଷାଗତ ଏବଂ ଶବ୍ଦଗତ ତ୍ରୁଟିକୁ ସୁଧାରିବା ପାଇଁ ପ୍ରୟାସ କରିଛୁ । ଏହି ସବୁ ସତ୍ତ୍ୱେ ଯଦି କିଛି ବ୍ୟାକରଣଗତ ତ୍ରୁଟି ରହି ଯାଇଥାଏ ତେବେ ତାହା ସହୃଦୟ ପାଠକ ପାଠିକା ତଥା ବିଦଗ୍ଧ-ସାହିତ୍ୟ ସମୀକ୍ଷକମାନଙ୍କର ବିହଙ୍ଗାବଲୋକନରୁ କଦାପି ଲୁଚି ରହି ପାରିବ ନାହିଁ, ତେଣୁ ସର୍ବାଦୌ ସେମାନଙ୍କ ନିକଟରେ ତ୍ରୁଟି ଜଣାଇଁ କ୍ଷମା ଭିକ୍ଷା କରୁଅଛି I ଏହି ପତ୍ରିକାରେ ଯଦି ସେପରି କୌଣସି ଧର୍ମ ବହିର୍ଭୂତ ତଥା ବିରୋଧୀ ତତ୍ତ୍ୱ ପ୍ରକାଶ ପାଇଥାଏ ତେବେ ତାହା ଜଣାଇଲେ ତ୍ରୁଟି ମାର୍ଜନା ପ୍ରତି ଯତ୍ନବାନ ହେବୁ I

## ବିଶେଷ କୃତଜ୍ଞତା

- ଶ୍ରୀ ବିଭୁଶ୍ରୀ ମିଶ୍ର, ଢେଙ୍କାନାଳ
- ଶ୍ରୀ ସନ୍ତୋଷ ସାଗର ମିଶ୍ର, ରଣପଶି, ଢେଙ୍କାନାଳ
- ଶ୍ରୀ ହୃଦୟାନନ୍ଦ ପଧାନ, ସୁବର୍ଣ୍ଣପୁର
- ଶ୍ରୀ ଚନ୍ଦ୍ର ଶେଖର ଖଟୁଆ, ଢେଙ୍କାନାଳ

&

www.facebook.com/epicclickz/

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗ କୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ଗଦ୍ୟ ଏବଂ ଗୋଟିଏ ପଦ୍ୟ) ଲେଖା ପଠାଇ ପାରିବେ ।
- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖା ଅପ୍-ଲୋଡ କରିବା ଆବଶ୍ୟକ ।
- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁwww.preranaodia.com ରେ ଅପ୍-ଲୋଡ କରିବାକୁ ପଡିବ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।
- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମ ରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆ ରେ ଲେଖି ପାରିବେ କିମ୍ବା କେବଳ ମାଇକ୍ରୋସଫ୍ଟ ୱାର୍ଡ ବା ପିଡିଏଫ୍ ଫାଇଲ ଦ୍ୱାରା ଲେଖା ଅପ୍-ଲୋଡ କରିପାରିବେ ।

- ଇ-ମେଲ କିମ୍ବା ହ୍ଵାଟସ୍‌ଆପ୍ ଦ୍ଵାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନକରିବା ପାଇଁ ବିଶେଷ ଅନୁରୋଧ ।
- ପ୍ରିୟ ଲେଖକ / ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା" କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା" କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।
- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ଵାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।
- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟ ରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକା ରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।
- ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସଂରକ୍ଷିତ । ତେଣୁ ନିଜସ୍ୱ ଲେଖା କୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

**ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା, ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ଲେଖିକା ମାନେ ଉତ୍ତରଦାୟୀ ରହିବେ ।ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।**

# ସଂପାଦକୀୟ...

**ପ୍ରିୟ ସାହିତ୍ୟ ପ୍ରେମୀ,**

ପ୍ରାଣୀମାନଙ୍କ ମଧ୍ୟରେ ନିଜର ବୁଦ୍ଧି ଓ ବିବେକ ଶକ୍ତି ଯୋଗୁଁ ମନୁଷ୍ୟ ସର୍ବଦା ଶ୍ରେଷ୍ଠ ଜୀବ ରୂପେ ଗଣା ହୋଇ ଆସୁଅଛି । ଏହି ମନୁଷ୍ୟ ଜନ୍ମର ସାର୍ଥକତା ପ୍ରତିପାଦିତ ହେବାପାଇଁ ସମୟ ଯେ ସବୁଠାରୁ ମୁଲ୍ୟବାନ ଓ ଏହାର ସଦୁପଯୋଗ ନିତାନ୍ତ ଆବଶ୍ୟକ ଏଥିରେ ଦ୍ୱିରୁକ୍ତି ନାହିଁ । ସମୟର ପରିବର୍ତ୍ତନରେ ମନୁଷ୍ୟର ରୁଚି ଓ ରୂପ ପରିବର୍ତ୍ତିତ ହେଉଥିବାରୁ ଏହାର ଭୂମିକା ଅନୁମେୟ କରାଯାଇପାରେ । ବିଜ୍ଞ ବ୍ୟକ୍ତିମାନେ ସମୟର ସୁଦୁପଯୋଗ କରି ସମାଜରେ ପୂଜନୀୟ ହୋଇଥାନ୍ତି । କିନ୍ତୁ ବର୍ତ୍ତମାନ ସମାଜରେ ବ୍ୟସ୍ତବହୁଳ ମନୁଷ୍ୟ ସମୟ ସହିତ ଅର୍ଥର ବୃଥା ତୁଳନାତ୍ମକ ପରିକଳ୍ପନା କରି ଅର୍ଥକୁ ଅଧିକ ମୁଲ୍ୟବାନ ମନେକରେ । ଯାହାକି ଅଜ୍ଞତାର ପରିଚୟ ଦିଏ ।

ଯେତେବେଳେ ସମୟର ସଦୁପଯୋଗ କଥାଉଠେ ତେବେ ପ୍ରଥମେ ଏହାର ଦୁରୁପଯୋଗ ତଥା ଅପଚୟ ଦିଗ ପ୍ରତି ଯତ୍ନବାନ ହେବା ଆବଶ୍ୟକ ।ବର୍ତ୍ତମାନ ସମାଜର ପ୍ରଗତିର ଚାବିକାଠି କୁହାଯାଉଥିବା ଓ ଜନସଂଖ୍ୟାର ସର୍ବାଧିକ ଶତକଡା ଭାଗ ଥିବା ଯୁବଗୋଷ୍ଠୀଙ୍କ ସମସ୍ୟା ଏଠି ପରିତାପ ତଥା ଆଲୋଚ୍ୟର ବିଷୟ । ମନୁଷ୍ୟ ଜନ୍ମର ପ୍ରଥମାବସ୍ଥା ତଥା ବାଲ୍ୟାବସ୍ଥାରେ ପ୍ରଚୁର ପରିମାଣରେ ସମୟ ମିଳୁଥିଲେ ମଧ ଉପଯୁକ୍ତ ଜ୍ଞାନର ବିକାଶ ଅଭାବରୁ ଏହି ସମୟର ଶତ ପ୍ରତିଶତ ସଦୁପଯୋଗ ହୋଇପାରେ ନାହିଁ । ଯାହାକି ନିଜର ବୌଦ୍ଧିକ ଓ ବୈଷୟିକ ଜ୍ଞାନର ବିକାଶ ଫଳରେ ଯୁବାବସ୍ଥାରେ ସମ୍ଭବପର ହୋଇପାରେ । କିନ୍ତୁ ବର୍ତ୍ତମାନର ଯୁବସମାଜ ନିଜକୁ ବ୍ୟସ୍ତବହୁଳତା ଦେଖାଇ ଯେ ସମୟର ଅପଚୟ କରିଚାଲିଛି ତାହା ତାକୁ ଅଗୋଚର । ପରବର୍ତ୍ତୀ ସମୟରେ ଏହି ସମୟ ପାଇଁ ପଶ୍ଚାତାପ କରିବା ବଡ ଚିନ୍ତାର ବିଷୟ ।

ବର୍ତ୍ତମାନ ପୃଥିବୀରେ ବୈଷୟିକ ଜ୍ଞାନର ଦ୍ରୁତ ବିକାଶ ଫଳରେ ସୋସିଆଲ ନେଟୱର୍କିଂ କ୍ଷେତ୍ରରେ ମଧ୍ୟ ଯଥେଷ୍ଟ ଉନ୍ନତି ହୋଇଛି I ଏକ ଦଶନ୍ଧି ପୂର୍ବରୁ କିଛି ହାତଗଣତି ସୋସିଆଲ ନେଟୱର୍କିଂ ସାଇଟର ସଂଖ୍ୟା ଏବେ ବହୁ ଗୁଣିତ ହୋଇଛି I ଏହାର ବ୍ୟବହାରକାରୀ ସଂଖ୍ୟା ମଧ୍ୟ ଆଶାତୀତ ଠାରୁ ଯଥେଷ୍ଟ ଅଧିକ I ବିଶେଷ ଭାବରେ ଯୁବଗୋଷ୍ଠୀ ଏହା ପ୍ରତି ଅଧିକ ଆକର୍ଷିତ I ପୂର୍ବରୁ ଆଲୋଚ୍ୟ ସମୟର ଅପଚୟରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ I ଯେପରି ଏହାର ଉପକାରିତାକୁ ଏଡାଇ ଦିଆଯାଇ ନପାରେ ସେହିପରି ଏହାର ବହୁଳ ତଥା ଅପବ୍ୟବହାର ଯେ କେତେ ମାରାତ୍ମକ ତାହା ଯୁବଗୋଷ୍ଠୀଙ୍କୁ ଅଜ୍ଞେୟ I ସେମାନେ ନିଜର ଲୁକାୟିତ ଜ୍ଞାନର ବିକାଶ ପ୍ରତି ଧ୍ୟାନବାନ ନ ହୋଇ ନିଜକୁ ସହଜରେ ପ୍ରତିଷ୍ଠିତ କରିବା ପାଇଁ ଏହାକୁ ଏକମାତ୍ର ମାଧ୍ୟମ ବୋଲି ଭାବୁଛନ୍ତି I ଯାହାଦ୍ୱାରା ନିଜର ବହୁମୂଲ୍ୟ ସମୟକୁ ଅପଚୟ କରି ନିଜ ଜୀବନକୁ ବ୍ୟସ୍ତବହୁଳ କରୁଛନ୍ତି I ଏଥିରେ ପ୍ରଦତ୍ତ ତଥ୍ୟ ଚୋରୀ ଓ ଗୋପନୀୟତାର କ୍ଷୁର୍ଣ୍ଣ ହେବାର ଯଥେଷ୍ଟ ସମ୍ଭାବନା ଅଛି I ଯାହାକି ଭବିଷ୍ୟତରେ ଏକ ପ୍ରମୁଖ ସମସ୍ୟା ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ Iଏଥିରୁ ସୃଷ୍ଟି କିଛି ଅଜଣା ସମ୍ପର୍କ ପରିଶେଷରେ ପ୍ରତାରଣା ଓ ହତ୍ୟାର ରୂପ ନେବାର ଦୃଷ୍ଟାନ୍ତ ଅନେକ I ଅପବ୍ୟବହାର ଯୋଗୁଁ ଉପକାରିତା ତୁଳନାରେ ଏହାର ଅପକାରିତାର ପରମାଣ ଯେ ଯଥେଷ୍ଟ ଅଧିକ ତାହା ସମସ୍ତଙ୍କୁ ଅଗୋଚର ନୁହେଁ I

ବାସ୍ତବ ଜୀବନରେ ବହୁ ବିଜ୍ଞବ୍ୟକ୍ତି ଏହାଠାରୁ ଦୁରତ୍ୱ ରକ୍ଷାକରି ସମାଜରେ ପ୍ରତିଷ୍ଠିତ ହେବାର ବହୁ ଜ୍ୱଳନ୍ତ ଉଦାହରଣ ଦେଖାଯାଏ I ତେଣୁ ବର୍ତ୍ତମାନର ଯୁବଗୋଷ୍ଠୀ ସମୟର ସଦୁପଯୋଗ ପାଇଁ ସୋସିଆଲ ନେଟୱର୍କିଂର ବ୍ୟବହାର ସମୟ ପ୍ରତି ଯତ୍ନବାନ ହେବା ଆବଶ୍ୟକ I ସମୟ ହିଁ ସବୁଠାରୁ ବଳବାନ ଓ ମୁଲ୍ୟବାନ ତେଣୁ ଏହାର ଅପଚୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ I ଏହାଦ୍ୱାରା ହିଁ ନିଜର ଉନ୍ନତି ସହିତ ସମାଜର ଉନ୍ନତି ହୋଇପାରିବ I

**ଦେବୀ ପ୍ରସାଦ ସ୍ୱାଇଁ**

**ସମ୍ପାଦକ**

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ପ୍ରାର୍ଥନା | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୧୧ |

## ପଦ୍ୟ ବିଭାଗ

| | | | |
|---|---|---|---|
| ୨. | କୁସୁମ ପ୍ରତି | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୧୩ |
| ୩. | ଗରୀବ କୁଡ଼ିଆରେ ଶୀତ | ସୌମ୍ୟ ରଞ୍ଜନ ସ୍ୱାଇଁ | ୧୫ |
| ୪. | ବାପା ମାଆ | ଅବିନାଶ ବେହେରା | ୧୭ |
| ୫. | ଶେଷଯାତ୍ରାର ସଜବାଜ | କାଜଲ ସ୍ୱାଇଁ | ୧୮ |
| ୬. | ଗାଆଁରେ ଶୀତ | ଶୁଭେନ୍ଦୁ ସ୍ୱାଇଁ | ୨୨ |
| ୭. | ତୁମକୁ ପାରୁନିତ ଭୁଲି | ପ୍ରଶାନ୍ତ କୁମାର ନାଥ | ୨୪ |
| ୮. | ଫୁଲଟିଏ କହେ | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୨୬ |
| ୯. | ମୋ ଶୁନ୍ୟପଣ | ମଞ୍ଜୁଲତା ସିଂ | ୨୯ |
| ୧୦. | କଳା ଠାକୁର | ସୁରେସ ଚନ୍ଦ୍ର ରାଉତ | ୩୧ |
| ୧୧. | ନୂତନ ବର୍ଷ | ହୃଦୟାନନ୍ଦ ପଧାନ | ୩୩ |
| ୧୨. | ଜହ୍ନ ରାଇଜକୁ | ଅଲେଖ ଚନ୍ଦ୍ର ବେହେରା | ୩୫ |
| ୧୪. | ମାସର ପହିଲା ଦିନ | ନୂତନ କୁମାର ବେହେରା | ୩୬ |
| ୧୩. | ପ୍ରଥମ ପ୍ରଣୟର ଅନୁଭୂତି | ହୃଦୟାନନ୍ଦ ପଧାନ | ୩୯ |
| ୧୫. | ନାରୀ ଶିକ୍ଷା | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୪୦ |

କ୍ର.ସଂ ବିଷୟ ଲେଖକ ପୃଷ୍ଠା

## ଗଦ୍ୟ ବିଭାଗ

୧୬. ଅନ୍ଧବିଶ୍ୱାସ.................................ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ.....................୪୫
୧୭. କାଗଜ ଫୁଲ................................ସନ୍ତୋଷ ସାଗର ମିଶ୍ର...............................୫୧

# ପ୍ରାର୍ଥନା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ଏକାଗ୍ର ଚିତ୍ତେ ମୁଁ ପ୍ରଭୁ କରୁଛି ଜଣାଣ ।
ଦିଅ ମୋତେ ବିଦ୍ୟା-ବୁଦ୍ଧି ଦିଅ ଦିବ୍ୟଜ୍ଞାନ ॥
ପିତା-ମାତା-ଗୁରୁ ଗୁରୁଜନଙ୍କ ପୟରେ ।
ସେବା-ଭକ୍ତି ଭାବ ସଦା ରହୁ ମୋ ଅନ୍ତରେ ॥
କାହାରି ଅନିଷ୍ଟ ଚିନ୍ତା ନ ପଶୁ ମୋ ମନେ ।
କାହାରି ନିନ୍ଦା ଯେସନେ ନ ଶୁଣେ ମୁଁ କର୍ଣ୍ଣେ ॥
ଜିହ୍ୱା ମୋର ରଟୁ ଥାଉ ସଦା ସତ୍ୟ ବାଣୀ ।
କର୍ଣ୍ଣ ମୋର ଶୁଣୁସଦା ସତ୍ୟର କାହାଣୀ ॥
ଚକ୍ଷୁ ମୋର ଦେଖୁ ଥାଉ ସକଳ ସମାନ ।
ଆତ୍ମା ମୋର ଦେଉ ପର ଆତ୍ମାକୁ ସମ୍ମାନ ॥
ପର ଧନ ଦେଖି ମନେ ନ ଆସୁ ମୋ ଲୋଭ ।
ପର ଲାଭ ଦେଖି ମନେ ନ ହେଉ ମୋ କ୍ଷୋଭ ॥
ପର ଦୁଃଖେ ହେଉ ମୋର ଅନ୍ତର ଦୁଃଖିତ ।
ପରର ହରଷେ ମନ ହେଉ ମୋ ହର୍ଷିତ ॥
ଅନ୍ୟାୟ କର୍ମକୁ ଦେଖି ମନେ ହେଉ ଭୟ ।
ଏକ ଭାବେ ତୁମ୍ଭ ପାଦେ ରହୁ ମୋର ଲୟ ॥
ଏତିକି ପାର୍ଥନା ମୋର ଘେନା ହେଉ ଶେଷେ ।
କର୍ମ ମୋର ହେଉ ସାର ସଂସାର ଉଦ୍ଦେଶେ ॥

ଜହ୍ନିତଇଳା, ଢେଙ୍କାନାଳ

# ପଦ୍ୟ ବିଭାଗ

# କୁସୁମ ପ୍ରତି

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ସୁକୋମଳ ଶିଶୁ ସମ ହସି ତୁ କୁସୁମ
ଜଗତେ ବିତରୁ ତୋର ସୁବାସ-ସୁଗୁଣ  I
ରୂପେ ଗୁଣେ ଅନୁପମ ଅଟୁ ତୁ ମହିରେ
ଲାଗି ହେଉଥାଉ ତେଣୁ ଦେବତାଙ୍କ ଶିରେ  II

ଦୋଳୁଥାଉ ନୃପ ଗଳେ ନୃପତି ସଭାରେ
ଦିଶୁଥାଉ ରମଣୀୟ ରମଣୀ ଗଭାରେ  I
ଗୁଣଯୋଗୁଁ ପାଉ ସିନା ତୁହି ଉଚ୍ଚାସନ
ଲୋଡନ୍ତି ଆସନ ବୃଥା ଗୁଣହୀନ ଜନ  II

ଶୁଭକର୍ମମାନେ ସଦା ହେଉ ପ୍ରୟୋଜନ
ସୁକୋମଳ ଶଯ୍ୟା ତୋତେ କରେ ଭୋଗୀ ଜନ I
ଗୁଣ ଯୋଗୁଁ ପାଉ ତୁହି ସଂସାରେ ଆଦର
ଲଭନ୍ତି ଆଦର ବୃଥା ଗୁଣହୀନ ନର  II

ମଧୁମୟ ରୂପ ତୋର ନେତ୍ର ସୁଖପ୍ରଦ
ମଧୁ ଦେଇ ମଧୁପର ବଢାଉ ଆନନ୍ଦ  I
ଅମୃତ ସମାନ ଭବେ ମଧୁଟି ତୋହର
ଆସ୍ୱାଦନେ ପ୍ରୀତିକର ବହୁ ରୋଗହର  II

ତୋ ଯୋଗୁଁ ବିଶୁଦ୍ଧ ସିନା ହୁଏ ସମୀରଣ
ଅମ୍ଳଜାନ ଦେଇ ରଖୁ ଜୀବର ଜୀବନ  ।
ପର ଉପକାର ପାଇଁ ବିତରି ସୁବାସ
ପବିତ୍ର ଜୀବନ- ଜ୍ୟୋତି କରୁ ତୁ ପ୍ରକାଶ  ॥

ବିବିଧ ବର୍ଣ୍ଣ-ତୁଳିକା ଘେନି ଚିତ୍ରଙ୍କର
ରଚେ ଚାରୁ ଚିତ୍ରପଟ ସ୍ୱରୂପେ ତୋହର  ।
ଗୁଣ ଯୋଗୁଁ ହୁଏ ସିନା ରୂପର ପୂଜନ
ଗୁଣହୀନ ରୂପ ଭବେ କିସ ପ୍ରୟୋଜନ  ॥

ଅଳ୍ପକାଳ ପାଇଁ  ଭବେ ତୋ ରୂପ-ବିଜୁଳି
ସକାଳରେ ଫୁଟି ସଞ୍ଜେ ପଡୁ ତୁ ମଉଳି  ।
ଅଳ୍ପାୟୁ ହୋଇ ତୋ ଯଶ ଘୋଷଇ ପୃଥିବୀ
କି ଲାଭ ନିନ୍ଦିତ ପ୍ରାଣେ ହେଲେ ଦୀର୍ଘଜୀବି  ॥

ଜହ୍ନିତଇଳା, ଢେଙ୍କାନାଳ

# ଗରୀବ କୁଡ଼ିଆରେ ଶୀତ

ସୌମ୍ୟ ରଞ୍ଜନ ସ୍ୱାଇଁ

ଶୀତ ଆସିଛି

ମୋ ଭଙ୍ଗା ଚାଳର ମଥାନ କୁ ଟପି

ଧସେଇ ପଶୁଛି

ବଇବାଡ ଦିଆ ମାଟି କାନ୍ଥ ର

ଛାତିକୁ ଚିରି

ମୋଡି ମକଚି ପକାଉଛି

ହାଡର ମଞ୍ଜିକୁ

ନିଆଁ ର ତାତି

ଶୀତ କୁ ପଛକରି ବସିଥିବା ପିଠି

କାହାରିକୁ ବି ଖାତିର କରୁନି ଶୀତ

ବଢିଲା ଝିଅ ଫୁଲିଲା ନଈ ପରି

ଧୀରେ ଧୀରେ ଦାଉ ସାଧୁଛି ସେ

ଲାତ ମାରୁଛି ଭୋକିଲା ପେଟକୁ

ବୁଢ଼ୀ ମା ଛେପ ଖଙ୍କାର ମିଶା ଗଳାରେ

ଥରି ଥରି କହୁଛି ....

ଏ ନିଆଁନଗା ନିଉଛୁଣା ଶୀତ ଟା

କାହିଁକି କଲବଲ କରୁଛି କେଜାଣି ???

ମୁଁ ଦେଖେ ...

ଲୁହ ଜକେଇ ଆସୁଥିବା

ତା ପେଜୁଆ ଆଖି ଦୁଇଟାକୁ

ଧୂସର ରଙ୍ଗର ତା ଚମ ଧୁଦୁଧୁଡୁ

ନୁଖୁରା ଶରୀର କୁ

ସବୁ ଯେମିତି ଚିତ୍କାର କରି ଉଠନ୍ତି

ଶୀତ ର ଅତ୍ୟାଚାର ରେ

ତଥାପି ଶୀତ ଟା ବୁଝେନା କିଛି

ଗରିବ ର କେଇ ବୁନ୍ଦା ଶୁଖିଲା ଲହୁ କୁ

ଲୁହ କରି ବୁହାଇ ପକାଏ

ଦୟା ମାୟା ର ଭାବ କୁ ପଛକରି

ଟାଣିନିଏ ମଶାଣିର ଜୁଇ ପର୍ଯ୍ୟନ୍ତ ....

ତଥାପି ଶୀତ ଆସେ ସବୁ ବର୍ଷ ପରି

ମୋ ଭଙ୍ଗା କୁଡ଼ିଆକୁ !!!

ବରୀ,ଯାଜପୁର

# ବାପା ମାଆ

ଅବିନାଶ ବେହେରା

ଆଣିଛନ୍ତି ଧରାଧାମକୁ ଜନମ ଦେଇ,
କରିଛନ୍ତି ବଡ଼ ଆମକୁ ଯତନ ନେଇ ॥

ଆମପାଇଁ ତାଙ୍କ ଦରଦ ସଦା ରହିଛି,
ଆଶିଷ ତାଙ୍କର ବିପଦୁ ଦୂରେ ରଖିଛି ॥

ବାଟ ବତାଇଛି ତାଙ୍କ ହିତ ଉପଦେଶ,
ଆମକୁ ସମାଜେ କରିଛି ଭଲମଣିଷ ॥

କଷ୍ଟ ସହିଛନ୍ତି ଏକକରି ଦିନରାତି,
ଉଣାକରି ନାହିଁ କାଣିଚାଏ ଆମପ୍ରତି ॥

ସନ୍ତାନକୁ କରିବାକୁ ଯୋଗ୍ୟ ବିବେଚିତ,
ଭାବିନାହାଁନ୍ତି କେବେ ନିଜର ଭବିଷ୍ୟତ ॥

ସର୍ବଦା ଚିନ୍ତନ୍ତି ପିଲାମାନଙ୍କର କଥା,
ବାପାମାଆ ସେ ଅଟନ୍ତି ଜୀବନ୍ତ ଦେବତା ॥

ସା/ପୋ:କୋହି, ଭାୟା:ଗଡିଆ,ଜିଲ୍ଲା:ମୟୂରଭଞ୍ଜ

# ଶେଷଯାତ୍ରାର ସଜବାଜ

କାଜଲ ସ୍ୱାଇଁ

ମାଗୁଣି ମା କାନ୍ଦୁଚି
ବଇବାଡ଼ କାନ୍ଥ ରେ ମୁଣ୍ଡ କୁ ପିଟି ପିଟି
ଛାତି କୁ ବାଡେଇ
ବୁକୁଫଟା ଚିତ୍କାର କରି କାନ୍ଦୁଚି
ସତେ ଯେମିତି
ତା କାନ୍ଦରେ ଭାଙ୍ଗି ପଡିବ ପୁରା ଘରଟା
ଛିଡି ପଡିବ ଆକାଶରୁ
ଅତଡାଏ ,
ଚହଲି ଯିବ ନଈ ସମୁଦ୍ର ...!
ହଁ ...
ସେ କାନ୍ଦିବନି କେମିତି ଯେ ???
ମାଗୁଣି ବାପା ଟା ଚାଲିଗଲା
ଆଜି ସକାଳୁ
ତିରିଶ ବର୍ଷ ତଳେ
ତାଳ ବଣ ଘେରା ତା ଭିଟା ମାଟି କୁ ଛାଡି
ଚାଲି ଆସିଥିଲା ସେ
ଏଇ ଲୋକଟାର ହାତ ଧରି
ଆଉ ଏ ପରିଣତ ବୟସରେ
ହଠାତ ଏକା କରି ଶୋଇଗଲା

ନିର୍ବିକାର ଚିତ୍ତରେ ...!!

ବାହାରେ ଭାରି ଗହଳ ଚହଳ

ସାହି ଭାଇ ,ଝିଅ ଜୋଇଁ ,ବନ୍ଧୁ ବାନ୍ଧବ

ଆସିଗଲେଣି ସମସ୍ତେ

ମାଗୁଣି ବାପା ର ଶେଷ ଯାତ୍ରା ରେ

ଯୋଗ ଦେବାକୁ

ଶୋକ ପାଳିବେ କିଛି କ୍ଷଣ

ପୁରୁଣା ସାତସିଆଁ ଲୁଗା କାନିରେ

ପୋଛିବେ ମାଗୁଣି ମା' ର ଲୁହ

ତୁନି କରିବାକୁ କହିବେ ଅନେକ କଥା

ସାନ୍ତ୍ୱନା ଦେବେ

ସଂସାର ର ନିୟମ ଯେ ଆସିଛି ସେ ଯିବ ଦିନେ

ଏଇ ସବୁକଥା ବୁଝେଇବେ ତାକୁ

ତା ପରେ ଚାଲିଯିବେ

ଯେଝା ବାଟରେ

ନୂଆ ଲୁଗା ଭୋଜିଭାତ ର

ମହମହ ଗନ୍ଧରେ

ଆମୋଦିତ ହେବେ ସଭିଏଁ

ତାପରେ ...ତାପରେ ଆଉ କଣ ???

ସବୁ ଚୁପ ଚାପ ....

ଏଇତ ...!!

ଖୋଜା ପଡ଼ିଲାଣି

ଛଅ ଖଣ୍ଡ ବାଉଁଶ

ଖଣ୍ଡିଏ ପାଳ ଦଉଡି

ଶିକା ,ହାଣ୍ଡି ,ଚାରି ପାଞ୍ଚ ମୁଠା ଲିଆ

ଲୋଡ଼ା ହେଲାଣି

ମଶାଣି ର କଳା ତୁଳସୀ

ଅଣ୍ଟା ଭିଡ଼ିଲେଣି ମାଲୁଆ ଭାଇ ମାନେ

ଚାରି କାନ୍ଧରେ ବୋହିନେବେ

ମାଗୁଣି ବାପା ର ଶବ ଟାକୁ

ପ୍ରିୟ ପରିଜନ ଦଉଡି ଯିବେ

ଗାଁ ମୁଣ୍ଡ ଯାଏଁ କିଛି ବାଟ

ତାପରେ ଶୂନ୍ୟ ଦେହ ମିଶି ଯିବ

ମହାଶୂନ୍ୟ ରେ ....

ହେଲେ ଏତେ ସବୁ ଭିତରେ

ମାଗୁଣି ଟା ଭାରି ଖୁସି

କାରଣ ସେ ହିଁ ଜାଣେ

ତା ବାପା ର ମୃତ୍ୟୁ ରହସ୍ୟ

ଗଲା କାଲି ସନ୍ଧ୍ୟା ରେ

ବାପାକୁ ଶୁଣେଇ ଶୁଣେଇ ସ୍ତ୍ରୀ ଆଗରେ କହୁଥିଲା

ସରକାର ଚାଷୀ ଆତ୍ମହତ୍ୟା ରେ

କୃଷି ଋଣ ଛାଡ଼ କରୁଛନ୍ତି

ଆଉ ଯଦି ବାପା ମରିଯାଏ

ତା ରଣ ର ବୋଝ ଟା ଟଳିଯିବ

ବାସ ....

ତା ପରେ ସବୁ ସମାଧାନ ହେଇଗଲା

ବୁଝି ସାରିଥିଲା ସବୁକିଛି ମାଗୁଣି ବାପା

ହାତରେ ଖଣ୍ଡେ ଦଉଡି ଧରି

ପାଦ ବଢ଼ାଇ ଥିଲା

ବାଡ଼ିପଟ ତେନ୍ତୁଳି ଗଛ ଆଡକୁ

ରାତ୍ରିର ନିସ୍ତବ୍ଧ ବେଳରେ

ସାମିଲ କରି ନେଇଥିଲା ନିଜକୁ

ଶେଷଯାତ୍ରା ର ସଜବାଜ ରେ ....

ଡେଲାଙ୍ଗ,ପୁରୀ

# ଗାଆଁରେ ଶୀତ

ଶୁଭେନ୍ଦୁ ସ୍ୱାଇଁ

ଶୀତ ଆସିଛି
ସୁଉଚ୍ଚ ପାହାଡର ମଥାନ ଛୁଇଁ
ଆଦିବାସୀର ମହୁଲି ନିଶାରେ
ଜେଜେଙ୍କ ମୁଢିମିଶା ଗରମ ଚାହାରେ
ବଗିଚାର ଗେଣ୍ଡୁ ଫୁଲରେ
ଧୁନି ଓ ଅଗିରା ପୁନେଇଁର ବହ୍ନିରେ
ବାଡିର ସବୁଜ କୋବିରେ
ଶଗଡିଆର ପଲ୍ଲୀସୁଲଭ ସଙ୍ଗୀତରେ
ଗାଈଆଳର ପାଞ୍ଚଣରେ
ଖଳାରେ ଲିପାପୋଛା ଓ ବେଙ୍ଗଳାରେ
ମାର୍ଗଶୀର ମାସର ହଳଦୀଆ ଧାନ କେଣ୍ଡାରେ
ଭୋର୍ ପାଞ୍ଚଟାରେ ଝରକାଦେଇ ପଶୁଥିବା
କୁହୁଡି କାକରର
ପୁରୁଣା ପ୍ରେମିକାପରି ଆଲିଙ୍ଗନରେ
କୁହ୍ଲଟିକାର ଆସ୍ତରଣଦେଇ
କୃତିମ ମେଘମାଳା ଭ୍ରମରେ
ବୋଉର ଅଳସୁଆ ଡାକରେ
ରାତି ଚାରିଟାରୁ ଉଠି ଡଙ୍ଗା ଭସାରେ
ଆଉ ଦୀର୍ଘଦିନ ଧରି

କଏଦୀ ହୋଇ ରହିଥିବା
ଚଦର ସୁଇଟର ଟୋପିର ବାସ୍ନାରେ ॥

ଦୂରତା ବଢିଲେ ମଣିଷ ବଦଳେ
ଅଥଚ ଏ ଶୀତ ଥାଏ ଅକ୍ଷତ
ଆଣେ ନୂତନ ସମ୍ଭାବନା
ପ୍ରେମ କରିବାର ଢଙ୍ଗ ତା'ର ପୃଥକ
ଶରୀରର ପ୍ରତ୍ୟେକଟି ଅଂଶକୁ ସେ ଛୁଏଁ
ଯିବାର ସମୟ ହୋଇଗଲେ
ତା' ସହ ବିତିଥିବା
ସମସ୍ତ ସ୍ମୃତି ଓ ଅନୁଭୂତି ଉପରେ
ନିଜ ଅଧିକାର ସାବ୍ୟସ୍ତ କରି
କାଳବିଳମ୍ବ ନ କରି
ନିଜ ସାଥିରେ ନେଇ ଚାଲିଯାଏ ॥

ସେ ଗଲାପରେ ପ୍ରତ୍ୟେକଟି ମଣିଷ
ନିଜ ନିଜର ସ୍ମୃତିଶକ୍ତି ହରାଇବସେ
ତା' ଉପସ୍ଥିତିରେ ମଣିଷ ପାଲଟେ
ଆଳସ୍ୟର ଦାସ
ମାତ୍ର ତା'କୁ ମେଲାଣି ଦେବା ପରେ
ମଣିଷ ଆଗପରି ହୋଇଉଠେ
ଯନ୍ତ୍ରବତ୍ ଚଳଚଞ୍ଚଳ ॥

ରାମଦାସପୁର, ଯାଜପୁର

# ତୁମକୁ ପାରୁନି ତ ଭୁଲି

ପ୍ରଶାନ୍ତ କୁମାର ନାଥ

ଭୁଲିଯିବି ବୋଲି କହିଦେଲି ସିନା
କରିଦେଇ ତୋତେ ପର
ହେଲେ ଭୁଲିଯିବି ଯେତେ ମୁଁ ଭାବିଲେ
ମନେ ପଡୁ ସେତେ ମୋର ।

ଜିଇଁ ଯିବି ବୋଲି କହିଦେଲି ସିନା
ହେବିନି ତୁମକୁ ଝୁରି
ହେଲେ ତୁମ ବିନା କହୁଛି ସତରେ
ଯାଉଛି ପ୍ରିୟା ମୁଁ ମରି ।

କହିଦେଲି ସିନା ତୁମରି ବିହୁନେ
ବଞ୍ଚିଯିବି ଏକା ଏକା
ହେଲେ ଜାଣି ଗଲି ତୁମ ବିନା ପ୍ରିୟା
ଜୀବନଟା ମୋର ଫିକା ।

ଭାବିଥିଲି ମୁହିଁ ତୁମେ ଗଲା ପରେ
ଢାଳିବିନି ଟୋପେ ଲୁହ
ହେଲେ ଯେବେ ତୁମେ ଛାଡି ଚାଲିଗଲ
ସମ୍ଭାଳି ପାରୁନି କୋହ ।

ଆଜି ପ୍ରିୟା ମୋର ହୃଦୟ ସେମିତି

ତୁମକୁ ହେଉଛି ଝୁରି

ତୁମବିନା ସତେ ଜୀବନଟା ମୋର

ଅଟେ ମରୀଚିକା ପରି ।

ସୁନ୍ଦରପୁର,ଯାଜପୁର

# ଫୁଲଟିଏ କହେ

ଲଳିତ କବି ଧ୍ରୁବ ଚରଣ ସ୍ଵାଇଁ

ଫୁଲଟିଏ କହେ ତୋଳି ମୋତେ ମାଳି

କରିଦିଏ ନାରଖାର  ।

ମୋ ମୃତ ଦେହକୁ ସୁଚି-ସୁତ୍ରେ ଗୁନ୍ଥି

ପିନ୍ଧାଏ ଦିଅଙ୍କୁ ହାର  ।

ବହୁ ପରିମାଣେ ତୋଳି ନିଏ ପୁଣି

ବଜାରେ ବିକ୍ରୟ ପାଇଁ  ।

ପରର ଜୀବନ ନାଶ କରେ ନର

ନିଜ ସ୍ଵର୍ଥେ ହୋଇ ବାଇ  ।

ଦେବତାଙ୍କ ଶିରେ ବସିବାକୁ ମୋର

ନାହିଁ ଡିଳେ ଅଧିକାର  ।

ନ ଜାଣେ ଅଜ୍ଞାନ ଦିଅଁ ପୂଜି  ହୁଏ

କେତେ ଅପରାଧ ତାର  ।

ରାତି ନ  ପାହୁଣୁ ଚୋପି ଚୋପି ତୋଳି

ନିଅନ୍ତି ପିଲାଏ ଘରେ  ।

ରାତି ପାହି ଗଲେ ଭକତ ବିଚରା

ଫେରଇ ମନ ଦୁଃଖରେ ।

ବୃନ୍ତ ଛଡା ହୋଇ କେତେ କାହିଁ ମୁହିଁ

ପଡି ହୋଇ ଯାଏ ନଷ୍ଟ ।

ନିଷ୍ଠୁର ମାନବ ନିର୍ଦ୍ଦୟ ହୃଦୟ

ଅନୁଭବେ କି ମୋ କଷ୍ଟ ।

ଗୋଟିଏ ଦୁଇଟି ଫୁଲରେ କି ପୂଜା

ନୁହଁନ୍ତା ଦେବତାଙ୍କର ।

ଅଧିକ କୁସୁମେ ମଣ୍ଡାଇଲେ ତାଙ୍କୁ

ଅଧିକ ମିଳେ କି ବର ।

ଭ୍ରାନ୍ତ ଏ ମାନବ ନ ବୁଝଇ ମୋତେ

ନ ଜାଣେ ମୂଲ୍ୟ ମୋହର ।

ସ୍ୱଧର୍ମକୁ ମୋର କରଇ ବିନାଶ

ହୋଇ କେଡେ ସ୍ୱାର୍ଥପର ।

ସ୍ରଷ୍ଟାଙ୍କ ନିର୍ଦ୍ଦେଶେ ଫୁଟି ଅଛି ମୁହିଁ

ସୃଷ୍ଟିର କଲ୍ୟାଣ ପାଇଁ ।

ପ୍ରାଣୀଙ୍କ ପରାଣ ବଞ୍ଚିବାକୁ ସିନା

ଅମ୍ଳଜାନ ଦେଉଥାଇ ।

ନିଜେ ହସି ମୁଁ ଯେ ସଭିଙ୍କୁ ହସାଏ

ଦିଅଇ ମନେ ଆନନ୍ଦ ।

ମଧୁ ଦେଇ ମୁଖେ ତୋଷଇ ପରାଣ

ମଧୁକର-ଷଟପଦ ।

ମୋ ପାଇଁ ଯତନ ନ କରନ୍ତି ଜନେ

କରୁଛନ୍ତି ଉପଭୋଗ ।

ଫୁଲଭରା ଯେବେ ହୁଅନ୍ତା ଧରଣୀ

ରହନ୍ତା କି ଏତେ ରୋଗ ।

ଜହ୍ନିତଇଳା, ଢେଙ୍କାନାଳ

# ମୋ ଶୁନ୍ୟପଣ

ମଞ୍ଜୁଲତା ସିଂ

ତୁମେ ହିଁ ତ...

ଚନ୍ଦନର ଟୋପାଟିଏ

ମୋ ଶୁନ୍ୟ କପାଳରେ

ଝଟକୁଥାଅ....

ନିଃସର୍ତ୍ତ ଭଲ ପାଇବାର

ଆଦ୍ୟ ବିନ୍ଦୁ ଛୁଇଁ

ମୋ ଭିତରର ଶୁନ୍ୟ ପଣ ଠେଲି

ତୁମେ ହିଁ ତ ପରିବ୍ୟାପ୍ତ...

ମୋ ସମଗ୍ର ଚିନ୍ତା ଚେତନାରେ..

ନିଥର ମନର ମାଟି ଉଖୁରାଇ

ବୁଣିଦିଅ ସାନ୍ତ୍ୱନାର ମୁଠା ମୁଠା ଶବ୍ଦ

ଅଦୃଶ୍ୟ ଖୁସିମାନେ କଅଁଳନ୍ତି

ଡାଳ ପତ୍ର ମେଲି...

ମୋ ଶୁନ୍ୟ ଅଗଣାରେ..

ମାୟାମଗ୍ନ ମୋ ଅପହଞ୍ଚ ଖୁସିମାନେ

ସକାଳର  କଅଁଳ ଖରାରେ

ମୁଁ ହାତ ବଢାଏ ଧରିବାକୁ..ପାରେନିତ

ସତରେ କେତେ ଅସହାୟ ପଣ

ମୋ ଭିତରେ...

ମୋ ନୀରବତାରେ କେତେ ଅନାବନା

ଭାବନାର କିଚିରି ମିଚିରି ଶବ୍ଦ..

କେତେ ଶୁନ୍ୟତାର କୋଳାହଳ..

ସମୟ ଆଙ୍କୁଥାଏ..

ମୋ ଉଦାସ ପଣର ଚିତ୍ରପଟ

ପରସ୍ତ ପରସ୍ତ ହୋଇ ଫିଟି ପଡିବା ଆଗୁ.. ମୁଁ ଲୁଚାଉ ଥାଏ

ମୋ ଅସ୍ତିତ୍ୱକୁ ତୁମ ଅନୁରାଗର

ବହଳ ଅନ୍ଧାର ଭିତରେ

ନୂଆ ଏକ ସକାଳର ସୂର୍ଯ୍ୟୋଦୟ

ମୋ ଭିତରେ ସଞ୍ଚରୁଥାଏ

ମୁଠାଏ ସାହସ.....

ଲଢ଼ିବାକୁ ସେହି ଶୁନ୍ୟପଣ ସହ

ଆସୁ ପଛେ ହାରିବାର

ଅଜସ୍ର ମୁହୂର୍ତ୍ତ.....

ଭୁବନେଶ୍ୱର

# କଳା ଠାକୁର

ସୁରେସ ଚନ୍ଦ୍ର ରାଉତ

ଆଖି ଲୁହ ବହି

କଳା ଗଲା ଧୋଇ

ଦରଶନ ଦେଲ ନାହିଁ

ପ୍ରଭୁ ହେ ଦରଶନ ଦେଲ ନାହିଁ !

ତୁମେ କୃପାସିନ୍ଧୁ ମୁଁ କାକର ବିନ୍ଦୁ

ତୁମ କଳା କି ପାରିବି ଧୋଇ

ପ୍ରଭୁ ହେ ଦରଶନ ଦେଲ ନାହିଁ !!!!!!

ତଥାପି ମୋ  ଆଶା ବାନ୍ଧିଚି ଭରଷା

ଚାତକିନୀ ପରି ଚାହିଁଛି ବରଷା

ମନ୍ଦାକିନୀ କୋଳେ ଖେଳୁଛି ଶ୍ୟାମଳେ

ବିଜୁଳି ପ୍ରହାରେ ଭାଙ୍ଗେ ମୋର ବସା

କସଣ ତୁମର କଣଟି ପଥର

କଣୁଅଛ ପ୍ରଭୁ ହୃଦୟ ମୋହର

ପ୍ରଭୁ ହେ ଦରଶନ ଦେଲ ନାହିଁ  !!!!!!

ସୂର୍ଯ୍ୟର ବହ୍ନିରେ ଲୋହିତର ଛବି

ମାରିବା ପାଇଁ କିବା ପତଙ୍ଗ ହେ ରବି

ଭାଗ୍ୟ ବିପାକକୁ କି କାଳ ଅକାଳ

ତୁମ୍ଭ ମୁଖ ଦେଖି ନରକ କି ଯିବି

ହୃଦ ସିଂଘାସନେ ତୁମ୍ଭକୁ ବସାଇ

କିବା ମୁହିଁ ପୂଜି ନାହିଁ !

ପ୍ରଭୁ ହେ ଦରଶନ ଦେଲ ନାହିଁ !!!!!!

କଳା କୋଇଲି ହେ ଶ୍ରୀ ନିଳକନ୍ଦରେ

ଘୁମୁରୁଛ ପଦ୍ମ କାନନ  ଭିତରେ

କଳା ଭୁଜଙ୍ଗ ହେ ପଦ୍ମ ବନେ ଥାଇ

ଘେନିବ ଅଧମ ପ୍ରଣାମ ଭାବଗ୍ରାହି

ବଟ ପୁଟକୁ ମୁଁ ନିରତେ ଚାହିଁଚି

ସୁରେସ ପାଇଲା ନାହିଁ !

ପ୍ରଭୁ ହେ ଦରଶନ ଦେଲ ନାହିଁ  !!!!

**କଟକ**

# ନୂତନ ବର୍ଷ

ହୃଦୟାନନ୍ଦ ପଧାନ

ନୂତନ ବର୍ଷର ନୂତନ ଆଭାରେ

ଅଧୁନତ୍ଵ ବନଶ୍ରୁମ୍ଭି

ସକଳଦିଗରୁ ସ୍ୱାଗତ ଜଣାଇ

ପୂର୍ଣ୍ଣ ହୋଇଅଛି ଆଜି

ବିଦାୟ ନେଇଛି ପୁରୁଣା ବରଷ

ଆସିଛି ଆଜି ଏ ନୂତନ କିରଣରେଣୁ !

ନୂତନ ରେଣୁର ନୂତନ ବେଣୁରେ

ନିନାଦିତ ନିର୍ଘୋଶ ସ୍ୱରରେ

ଏ ଧରିତ୍ରୀ ଆଜି ପରିଣତ

ପୁଣି ସବୁଜ ପ୍ଲାବନ ଭୂଇଁରେ !

ନୂତନ ସକାଳର ସୂର୍ଯ୍ୟୋଦୟ

ସବୁ କିଛି ନୂଆ ନୂଆ ଲାଗେ

ସବୁଜ ପଲ୍ଲବୀତ ବୃକ୍ଷ ରାଜି

ବିହଙ୍ଗ କାକଳିର ସୁମଧୁର ସ୍ୱର
ସୁଲୁ ସୁଲୁ ମନ୍ଦ ମନ୍ଦ ମୃଦୁ ମଳୟ
ଝରଣାର କୁହୁ କୁହୁ ତାନ !

ଶୀତ ସକାଳର ଓଢଣୀ ପିନ୍ଧି
ଏ ନଭଶ୍ଚୁମ୍ବି ଚର୍ତୁଦିଗ ଘେରା
ଏ ପୃଥିବୀ ଆଜି ସୁସଜ୍ଜିତ ନବବଧୂ ବେଶେ
ସତେ ଯେମିତି ଦିଶୁଛି ସେ ସୁନ୍ଦରୀ ନାରୀର ଫୁଲଗଭା
ବର୍ଣ୍ଣ ବିକିରଣ ମଲ୍ଲୀ ଶୋଭା !!!!

ଅମର ପାଲି, ବିରାମହରାଜପୁର
ସୁବର୍ଣ୍ଣପୁର

# ଜହ୍ନ ରାଇଜକୁ

ଅଲେଖ ଚନ୍ଦ୍ର ବେହେରା

ପାଆନ୍ତି ମୁଁ ଯଦି ଚକୋର ଯନ୍ତ୍ରଣା
ଜହ୍ନ ରାଇଜ କୁ କରନ୍ତି କଳ୍ପନା ,କେତେ ଯେ ଅବୁଝା ପ୍ରଶ୍ନ
ତ୍ରାସ ନାଶ ଗଳ୍ପ କରନ୍ତି ବର୍ଣ୍ଣନା, କହୁଥାଏ ସୁକ୍ଷ୍ମ ମନ ।୧।

ଜ୍ୟୋସ୍ନାପ୍ଲୁତ ରାତ୍ରି ମାଦକତା ଭରେ
ଜହ୍ନ ରାଇଜକୁ ଡାକେ, ହାତ ଠାରେ ବଢିଯାଏ ଭାବାବେଗ
ମନ ନାଚି ଉଠେ ଅତୀତ ଝଙ୍କାରେ, ବାଜି ଉଠେ ସ୍ମୃତିରାଗ ।୨।

କେତେ ଯେ ବିସ୍ମୟ, କେତେ ପ୍ରଶ୍ନବାଚୀ
କେତେ ଉଜାଗରେ କାଟିଛି ମୁଁ ରାତି, ହଜିଛି ମୁଁ କେତେ ଥର !
ଜହ୍ନ ରାଇଜକୁ ପଚାରିବ ସଖି ,ସେ ହିଁ ଦେବ ଉତ୍ତର ।୩।

କୋଟି ନକ୍ଷତ୍ରରେ ତା କ୍ଷେତ୍ର ସୁନ୍ଦର
କୋଟି କିରଣରେ, ତାର ଜ୍ୟୋସ୍ନା ତୀର ଭେଦି ଯାଏ ଅନ୍ତରକୁ
ଅନ୍ତରିକ୍ଷ ଲକ୍ଷ ସେଇଠି ହିଁ ସ୍ଥିର, ଦେଖେ ଜହ୍ନ ରାଇଜକୁ ।୪।

ଅଶାନ୍ତିର ଅନ୍ତ ଅନ୍ତରରେ ଘଟେ
ବିଚିତ୍ର ଆନନ୍ଦ ହୃଦେ ପରିସ୍ଫୁଟେ, ଉର୍ଦ୍ଧ୍ୱ ନେତ୍ରେ ଥାଏ ଠାଣି
କେତେ ବୈଚିତ୍ର୍ୟତା ପରେ ଗଢି ଉଠେ, ଜହ୍ନ ରାଇଜକୁ ଜ୍ୟୋସ୍ନା ରାଣୀ ।୫।

ଅଙ୍ଗାରବନ୍ଧ, ଅନୁଗୁଳ

# ମାସର ପହିଲା ଦିନ

ନୂତନ କୁମାର ବେହେରା

ମାସର ପହିଲା ଦିନ
ଉତ୍ ଫୁଲ୍ଲିତ ହେଉଥାଏ ମନ,
ମାସକର ଶ୍ରମ ଦରମା ଆକାରେ
ଅମଳ ହୋଇ ଜମା ହେବ
ବ୍ୟାଙ୍କ୍ ଖାତାରେ ଧନ ।
ମୋବାଇଲ୍ ବାଜି ଉଠିଲେ ଟନଟନ
ଦରମା ମେସେଜ ଆସିଗଲା କି
ମନ ହୁଏ ଉଚ୍ଚାଟନ,
ମେସେଜ୍ ପଢ଼ି ଦେଖିଲା ପରେ
ଭାରି ଆତ୍ମସନ୍ତୋଷ ଲାଗେ ପ୍ରାଣ ।
ଟିକିଏ ପରେ ଧାଆଁ ଧାଆଁ
କଟିଯାଏ ଜମା ଖାତାରୁ ଋଣ କିସ୍ତି,
କାଗଜ କଲମ ଧରି ହିସାବ ଚାଲେ
କାହାକୁ କେତେ ଦିଆଯିବ
ତାର ଏକ ଲମ୍ବା ଲିଷ୍ଟି
ଦରମା ପାଇ ଆଉ କି କରିବ ମସ୍ତି ?
ଘରଣୀ କହୁଥିଲେ
ଏ ମାସ ଲେଟେଷ୍ଟ୍ ଡିଜାଇନର
ଶାଢୀ ଖଣ୍ଡେ ନେବେ ଆଗ
ନହେଲେ ବାହାରି ଯିବ ବାଗ ।
ବଡ ଝିଅ ଭୁବନେଶ୍ୱରରେ ରହି

ବି. ଟେକ୍ କରୁଛି
ଟଙ୍କା ପାଇଁ ଫୋନ୍ କରୁଛି ଘନ ଘନ,
ଦରମା ହେଲେ ଶିଘ୍ର
ପଠାଇବ ଛଅ ମାସର ଡୋନେସନ ।
ପୁଅର ଏ ମାସ ପଡୁଛି ଜନମ ଦିନ
ସାଙ୍ଗସାଥି ଡାକି ଘରେ
ଭୋଜି ଖୁଆଇବ ନ ହେଲେ
ରହିବ ନାହିଁ ତାର ପ୍ରେସ୍ଟିଜ୍ ।
ଭାବିଲା ବେଳକୁ ମନ
ହେଇ ଯାଉଛି ଫ୍ରିଜ୍ ।
ସବା ସାନ ପୁଅ ସାଇକେଲ୍ ନେବ
କୋଚିଙ୍ଗ୍ ଯିବାକୁ ହେଉଛି ଲେଟ୍,
ମୁଣ୍ଡ ଗୋଳମାଳ ହୁଏ
ଏତେ କଥା କେମିତି ହେବ ସେଟ୍ ।
ପୁଣି ଘରଣୀର ବଡ ଭାଇ ପୁଅ
ପୁତୁରାର ଅନ୍ନ ପ୍ରସନ୍ନ
କହୁଥିଲେ ସୁନା କେରେ ନ ଦେଲେ
ରହିବ ନାହିଁ ମାନ,
ହାୟ ହାୟରେ ଜୀବନ...
ଗାଆଁରେ ବାପାମାଆ ହୁଅନ୍ତି ହଇରାଣ
ତାଙ୍କୁ ଦେଇ ହେଉନି ଉପଯୁକ୍ତ ଧ୍ୟାନ,
ବୋଉର ଭାରି ଅଭିମାନ
ଶାଶୁ ବୋହୂର ଅଝଟିଆ ମନ ।
ତେଲ ଲୁଣର ତେଜରାତିଠାରୁ
ଦୁନିଆଁ ଯାକ ବୋଝର ଚାପ,

ମୁଣ୍ଡେଇ ମୁଣ୍ଡେଇ ଲାଗେ ଖାଲି ତାପ ।
ରହି ହୁଏ ନାହିଁ ସୁସ୍ଥେ ମାରି ନିଶ୍ୱାସ
କି ସହି ହୁଏ ନାହିଁ ତାର ଝାସ ।
ମାସର ପହିଲା ଦିନରୁ ଏଇ ବ୍ୟସ୍ତ
ବଢି ବଢି କରି ଚାଲେ ଅସ୍ତବ୍ୟସ୍ତ ,
କେମିତି ଆସିବ ମାନସିକ ଶାନ୍ତି
ହୁଏ ନା ମୂଳରୁ ଅଗ ଯାଏଁ ଚିନ୍ତି ।

କୋହି,ଗଡିଆ,ମୟୂରଭଞ୍ଜ

# ପ୍ରଥମ ପ୍ରଣୟର ଅନୁଭୂତି

ହୃଦୟାନନ୍ଦ ପଧାନ

ଅଦ୍ୟଦିବା ପ୍ରତ୍ୟୁଷର ଗୁରୁଗମ୍ଭୀର କଣ୍ଠ ଧ୍ୱନିସ୍ୱରେ
ମୁଁ ଭାସୁଥିଲି ସ୍ୱପ୍ନରାଜ୍ୟର ତାଳତମାଳ ବଣେ କୁଆଁରୀକନ୍ୟା ସାଥେ
ଉତ୍ତରାମଳୟର ପ୍ରଭାବ ଆଜି କ୍ଷିପ୍ରଗତି ସ୍ରୋତ
କିଏ ତୁମେ ସଖି ? ସାକ୍ଷ୍ୟାତ କରିଥିଲ
ଏ ଷଷ୍ଠି ଦିବସରେ ଏହା  ମନୋନୀତ ନା ସ୍ୱତଃସ୍ଫୁତ
ତୁମକୁ ହିଁ ଜଣା ?

ତୁମ ମୁଖ ମଣ୍ଡଳର ଚନ୍ଦ୍ରକାନ୍ତି ଦେଖି
ଢଳି ଗଲି ତୁମ ଉପରକୁ ଢଳ ଢଳ ଉପୁଳ ପରି
ମୁଁ ଥିଲି ତୁମର ପ୍ରଥମ ନା ଅନ୍ତିମ ପ୍ରଣୟ
ଜାଣିବାକୁ ଚେଷ୍ଟାବି କରିନି
କି ଥିଲା ? କି ଜାଣେ ? କି ସୌନ୍ଦର୍ଯ୍ୟ ?
ତୁମ ଚେହେରା କୁ ଦେଖି ହୃଦୟରେ ମର୍ମେ ମର୍ମେ ଉପଲବ୍ଧି କଲି !

"ତୁମେ ମୋ ପ୍ରଥମ, ତୁମେ ମୋ ଅନ୍ତିମ ଦ୍ୱିତୀୟର ସ୍ଥାନକାହିଁ
ଥିଲେ ଥିବପଛେ ଆରଜନ୍ମରେ ବାସ୍ତବରେ ଦେଖୁଛିତ ଏଜନ୍ମରେ ନାହିଁ !"

ଅମର ପାଲି, ବିରାମହରାଜପୁର
ସୁବର୍ଣ୍ଣପୁର

# ନାରୀ ଶିକ୍ଷା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ଦିନେ କଇଳାସେ ହର ପାଶେ ଉମା

ପୁଛନ୍ତି ହୋଇ ହରଷ I

କହ ପ୍ରାଣନାଥ ଦୟାବହି ମୋତେ

ନାରୀ ଜନ୍ମର ରହସ୍ୟ I

କି କି ପାପେ ନାରୀ କି ଜନ୍ମ ଲଭଇ

କର୍ମ ଅନୁସାରେ ଫଳ I

ସଂଶୟ ତୁଟାଅ କହି ପ୍ରାଣନାଥ

ନରଖି ଅସତ୍ୟ ଛଳ I

ଇଶ୍ୱର ବୋଲନ୍ତି ଶୁଣଗୋ ପାର୍ବତୀ

ତୁମ୍ଭେ ଯା ପୁଛିଲ ଭଲ I

କହିବି ଅପ୍ରିୟ ସତକଥା ସବୁ

କେବେ ନ ମଣିବ ସଲ I

ଘୋର କଳିକାଳ ପାପ ଭାରା ଆସି

ପ୍ରାଣୀଙ୍କୁ କଲାଣି ଗ୍ରାସ

ଅଳ୍ପାୟୁଷ ହୋଇ          ମନୁଷ୍ୟ ସକଳ

ଅକାଳରେ ହେବେ ନାଶ   I

ବେଦ ଶାସ୍ତ୍ର ବାଣୀ          କେହି ନମାନିବେ

ସ୍ୱାର୍ଥ ବଶେ ହେବେ ବଶ   I

ବ୍ରାହ୍ମଣ ହୋଇ          ମଦ ମାଂସ ଭକ୍ଷିବେ

ବ୍ରହ୍ମଙ୍କୁ ହେବେ ଅଜଣା  I

ପ୍ରଜାଙ୍କର ଦୁଃଖ          ରାଜା ନବୁଝିବେ

ରାଜ୍ୟ ହେବ ଛାରଖାର  I

ଦୋଷ କାରୀ ଜନେ          ନିର୍ଦ୍ଦୋଷ ହୋଇବେ

ଅର୍ଥ କରି କାରବାର  I

ନିଜ ଧର୍ମ କର୍ମ          କେହି ନ ପାଳିବେ

କଳିଯୁଗେ  ହେବେ ଦୁଜା   I

ବୃଦ୍ଧ ପିତା ମାତା          ନସେବି କରିବେ

ନିର୍ଜୀବ ଦେବତା ପୂଜା  I

ଗୁରୁ ଗଉରବ          କେହି ନମାନିବେ

ଚାଲିବେ ନିଜ ଇଛାରେ

ପ୍ରଭୁ ସେବକର ଭାବ ନରହିବ
ନାରୀ ପୁରୁଷଙ୍କ ଠାରେ ।
ଦୁଃଶାସନ ପ୍ରାୟେ ହେବ କଳିଯୁଗ
ଫେଡିବ ଦ୍ରୌପଦୀ ବାସ ।
ରୂପ ଅନଳରେ ପଡିଣ ସକଳେ
ଆପେ ହୋଇଯିବେ ନାଶ ।
ଭାଇ-ଭଗ୍ନୀ ବେନି ପ୍ରୀତି ଆଚରିବେ
ପାଶୋରି ପୂରୁବ ଭାବ ।
ରୂପ ଅସମ୍ଭାଳ- ହେବ କଳି ଯୁଗେ
ବୁଡିବ ଧରମ-ନାବ ।
କୁଳବଧୂ କୁଳ- ଧର୍ମକୁ ଲଙ୍ଘିବେ
ପର ପୁରୁଷରେ ମାତି ।
ଯତି ହୋଇ ରତି- ସୁଖକୁ ବାଞ୍ଛିବେ
କାହାର ନଥିବ ଜାତି ।
ଧର୍ମ ଧାରଣାରେ ଜଣେ କେ ନଥିବେ
ଧନରେ ବୁଡିବ ମନ ।

ଉଚ୍ଚ କୁ ପ୍ରଶଂସା ନ କରିବେ ଜନେ
ନୀଚ ପାଉଥିବ ପଣ ।
ତେଣୁ ଶାସ୍ତ୍ର କଥା କହିବାକୁ ପ୍ରୀୟେ
ମନରେ ଲାଗଇ ଡର ।
ଉପହାସ କରି ନ ମାନିଲେ ଜନେ
କହିବା ହେବ ବିଫଳ ।

**ଜହ୍ନିତଇଳା, ଢେଙ୍କାନାଳ**

# ଗଦ୍ୟ ବିଭାଗ

# ଅନ୍ଧବିଶ୍ୱାସ

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ପ୍ରାଚୀନ କାଳରୁ ଆମ ସମାଜରେ ବହୁ ଅନ୍ଧବିଶ୍ୱାସ ପ୍ରଚଳିତ ହୋଇ ଆସୁଅଛି । ପରମ୍ପରା  କ୍ରମେ ସେଗୁଡିକ ଧର୍ମ ନାମରେ ଅଭିହିତ ହୋଇ ଜନସାଧାରଣଙ୍କ ମନରେ ବିଶ୍ୱାସ ସୃଷ୍ଟି କରିଅଛି ।ତେଣୁ ଲୋକମାନେ ପ୍ରକୃତ ସତ୍ୟକୁ ନ ବୁଝି ଧର୍ମହରା ହୋଇ ଅବାଟରେ ଗତି କରୁଛନ୍ତି । ଫଳତଃ ନାନା ଅଭାବ ଅସୁବିଧା ଦୈବୀ ଦୁର୍ବିପାକ ଆଦି ବିପଦର ସମ୍ମୁଖୀନ ହେଉଛନ୍ତି । ମୂର୍ତ୍ତିପୂଜା ;ଶ୍ରାଦ୍ଧ ତର୍ପଣ ; ପଶୁବଳି ; ଅସ୍ପୃଶ୍ୟତା ; ଯୌତୁକ ପ୍ରଥା ; ପୁତ୍ର-କନ୍ୟା ମଧ୍ୟରେ ପ୍ରଭେଦ ବିଚାର ଆଦି ଏହି ଅନ୍ଧବିଶ୍ୱାସର ଅନ୍ତର୍ଭୁକ୍ତ ଅଟେ  ।

ବେଦ ଉପନିଷଦ ଆଦି ସତଶାସ୍ତ୍ର ମାନଙ୍କରେ ଯେଉଁ ଉପାସନାର ବ୍ୟବସ୍ଥା ଦିଆଯାଇଛି ସେଥିରେ ମୂର୍ତ୍ତିପୂଜାର ସ୍ଥାନ ଆଦୌ ନାହିଁ  । ଇଶ୍ୱର ନିରାକାର ସର୍ବବ୍ୟାପକ ଓ ସ୍ୱୟଂ ପ୍ରକାଶ ଅଟନ୍ତି । ତାଙ୍କୁ କେହି ସୃଷ୍ଟି କରିନାହାନ୍ତି । ନିଜ ହାତରେ ମାଟି, ପଥରରେ ମୂର୍ତ୍ତି ଗଢି ପୂଜାକରିବା ଏବଂ ତାଙ୍କୁ ବଳି ଭୋଗ ଦେବା ମନୁଷ୍ୟର ଧୃଷ୍ଟତା ମାତ୍ର  ।

"ଇଶାବାସ୍ୟମିଦଂସର୍ବଂ ଯତ କିଥିତ୍ ଜଗତ୍ୟାଜଗତ୍"

(ଇଶାବାସ୍ୟୋପନିଷଦ୍)

" ଇଶ୍ୱର ବାସଟି ସବୁରେ

ଜଗତେ ଜୀବନ ଯହିଁରେ"

(ଓଡିଆ ଅନୁବାଦ)

ଉପୋରକ୍ତ ସୁକ୍ତିରୁ ଜଣାଯାଉଛି,ଈଶ୍ୱର ପ୍ରତ୍ୟେକ ଜୀବନରେ ଅଧିଷ୍ଠାନ କରିଛନ୍ତି । ସେ ନିର୍ଜୀବରେ ନାହାଁନ୍ତି । ତେଣୁ ପ୍ରତ୍ୟେକ ପ୍ରାଣୀଙ୍କୁ ଈଶ୍ୱର ଜ୍ଞାନ କରି, ସେମାନଙ୍କର ସେବା-ଶୁଶ୍ରୁଷା କରିବାରେ ହିଁ ମୂର୍ତ୍ତିପୂଜାର ସାର୍ଥକତା ମିଳିଥାଏ ।

ଜଗଯୋନିର ଯୋନିସ୍ତ୍ୱଂ ଜଗଦନ୍ତ ନିରନ୍ତକଃ

ଜଗଦାଦିର ନାଦିସ୍ତ୍ୱଂ ଜଗଦୀଶ ନିରୀଶ୍ୱରଃ

(କୁମାରସମ୍ଭବମ୍)

ଅର୍ଥ- ତୁମେ ଜଗତର ଯୋନି ମାତ୍ର ନିଜେ ଅଯୋନି ; ଅର୍ଥାତ ତୁମ୍ଭକୁ କେହି ଜାତ କରିନାହାଁନ୍ତି । ତୁମେ ଜଗତର ଅନ୍ତକ(ଯମ) ମାତ୍ର ତୁମର କେହି ଯମ ନାହାଁନ୍ତି । ତୁମେ ଜଗତରେ ଆଦି ମାତ୍ର ତୁମର କେହି ଆଦି ନାହାଁନ୍ତି ।ତୁମେ ଜଗତର ଈଶ୍ୱର ମାତ୍ର ତୁମର କେହି ଈଶ୍ୱର ନାହାଁନ୍ତି । ଏହି ସ୍ତୋତ୍ରଟିରୁ ଏହା ଜଣା ଯାଉଛି । ଈଶ୍ୱରଙ୍କୁ କେହି ଗଢି ନାହାନ୍ତି । ସେ ସ୍ୱୟଂ ପ୍ରକାଶ ।

ଆଜିକାଲି ମୂର୍ତ୍ତିପୂଜାକୁ କେନ୍ଦ୍ରକରି ବହୁ ଭଜନ କ୍ୟାସେଟ ମାନ ଲଗାଯାଉଛି ନାନା ରଙ୍ଗର ଆଲୋକମାଳାରେ ସାଜସଜ୍ଜା ହୋଇ ପୂଜା ମଣ୍ଡପ ସମସ୍ତଙ୍କ ମନକୁ ଆକର୍ଷଣ କରୁଛି । ମାତ୍ର ଭକ୍ତି କେଉଁଠି ?ଏ ସମସ୍ତ ଧର୍ମାଡମ୍ବର ମାତ୍ର । ଭକ୍ତି ବଦଳରେ ମନରେ ଗର୍ବ ଭାବ ଉଦ୍ରେକ କରୁଅଛି । ଅଧିକାଂଶ ସ୍ଥଳରେ ଗଣ୍ଡଗୋଳ ମାଡପିଟ ଚାଲିଛି । ପ୍ରକୃତରେ ଈଶ୍ୱର କୌଣସି ମୂର୍ତ୍ତି କିମ୍ବା ମନ୍ଦିରରେ ସୀମିତ ନୁହଁନ୍ତି । ଶ୍ରଦ୍ଧା ସହକାରେ ଜୀବିତାବସ୍ଥାରେ ପିତାମାତାଙ୍କର ତୃପ୍ତି ସାଧନ କରିବାକୁ ଶ୍ରାଦ୍ଧ-ତର୍ପଣ କୁହାଯାଏ । ଏହା ମନୁସଂହିତାରେ ସ୍ପଷ୍ଟ ଭାବେ ଉଲ୍ଲେଖ ହୋଇଅଛି ।

" ପୁତ୍ର ପିଣ୍ଡ ପ୍ରୟୋଜନମ୍"

(ଚାଣକ୍ୟ ନୀତି)

ବୃଦ୍ଧାବସ୍ଥାରେ ପିତାମାତାଙ୍କର ପିଣ୍ଡ ଅର୍ଥାତ୍ ଦେହ ଅଥର୍ବ ହୋଇଯାଏ । ତେଣୁ ତାଙ୍କ ପିଣ୍ଡକୁ ରକ୍ଷଣାବେକ୍ଷଣ ପାଇଁ ସନ୍ତାନ ଏକାନ୍ତ ପ୍ରୟୋଜନ ହୋଇଥାଏ । ମୃତ୍ୟୁ ପରେ ପିତାମାତା କେଉଁ ଆଡେ ଯାଆନ୍ତି, ତାହେ ସମସ୍ତଙ୍କ ଅଜ୍ଞେୟ । ତାଙ୍କୁ ଖାଇବାକୁ ପିନ୍ଧିବାକୁ ଦେବା ଅଜ୍ଞତା ମାତ୍ର । ଜ୍ଞାନ

ମତରେ ପିତାମାତାଙ୍କୁ ସାକ୍ଷାତ୍ ଦେବତା ଭାବି ସେବା-ଶୁଶ୍ରୁଷା ଦ୍ଵାରା ସନ୍ତୁଷ୍ଟ ରଖିବାକୁ ପ୍ରକୃତରେ ଶ୍ରାଦ୍ଧ-ତର୍ପଣ ବୋଲାଯାଏ ।

ମନୁଷ୍ୟ, ପଶୁପକ୍ଷୀ ଆଦି ସମସ୍ତ ପ୍ରାଣୀ ଓ ଉଦ୍ଭିଦ ଜଗତର, ଈଶ୍ଵର ପିତାମାତା ଅଟନ୍ତି । ତେଣୁ ସେ କାହାର ରକ୍ତ ମାଂସ ଖାଇବାକୁ ଇଚ୍ଛା କରନ୍ତି ନାହିଁ ।

ସୁରା ମତ୍ସ୍ୟା ପଶୁର୍ମାଂସ ଦ୍ଵିଜାତିନଃ ବଳିସ୍ତଥା

ଧୃତୈ ପ୍ରବର୍ତ୍ତିତ ଯଜ୍ଞେ ନୈତଦ୍ ବେଦେଷୁ କଥ୍ୟତେ ॥

ସୁରା ମତ୍ସ୍ୟ ପଶୁପକ୍ଷୀମାନଙ୍କ ବଳି ଯଜ୍ଞରେ ଲୋଡା ହୁଏ ନାହିଁ । ଜିହ୍ଵାଲାଳସାର ବଶବର୍ତ୍ତୀ ହୋଇ ଧୃତମାନେ ଯଜ୍ଞରେ ଏହା ପ୍ରଚଳନ କରିଛନ୍ତି । ବେଦାଦି ସତଶାସ୍ତ୍ରମାନଙ୍କରେ ଏ ଜଘନ୍ୟ ପ୍ରଥା ଉଲ୍ଲେଖ ହୋଇନାହିଁ । ଭଗବାନ ଗୌତମ ବୁଦ୍ଧଙ୍କ ହୃଦୟରେ ମଧ ଏହି ସତ୍ୟ- ସିଦ୍ଧାନ୍ତ ଅହିଂସାବାଣୀ ବିପ୍ଲବ ତୋଳିଥିଲା । ଭକ୍ତ ଜୟଦେବଙ୍କ "ଗୀତଗୋବିନ୍ଦ" ରେ ଉଲ୍ଲେଖ ଅଛି –

"ନିନ୍ଦସି ଯଜ୍ଞ ବିଧେରହ ଶ୍ରୁତିଜାତଂ

ସଦୟହୃଦୟ ଦର୍ଶିତ ପଶୁଘାତଂ"

ଭକ୍ତକବି ଭୀମଭୋଇଙ୍କ ହୃଦୟ ଏହିଭଳି ପ୍ରାଣୀଙ୍କ ଦୁଃଖରେ କାନ୍ଦି ଉଠିଥିଲା ।

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ

ଦେଖୁ ଦେଖୁ କେବା ସହୁ "

ସମସ୍ତେ ଈଶ୍ଵରଙ୍କ ସନ୍ତାନ ; ଏହି ସତ୍ୟାର୍ଥରେ ସ୍ପୃଶ୍ୟ-ଅସ୍ପୃଶ୍ୟ ମଧରେ କିଛି ପ୍ରଭେଦ ନାହିଁ । କେବଳ ସୁକର୍ମ ଓ କୁକର୍ମକୁ ନେଇ ସ୍ପୃଶ୍ୟ-ଅସ୍ପୃଶ୍ୟର ବିଚାର କରାଯାଇପାରେ । ମହର୍ଷି ପରାଶର, ମହର୍ଷି ବଶିଷ୍ଠ ନିଚକୁଳରୁ କନ୍ୟା ଗ୍ରହଣ କରିଥିଲେ । ନୀଚଠାରେ ଉତ୍ତମ ବିଦ୍ୟା ବା ଗୁଣଥିଲେ ତାହାକୁ ଗ୍ରହଣ କଲେ କିଛି ଦୋଷ ନାହିଁ ।

"ନିଚାଦପ୍ୟୁତ୍ତମା ବିଦ୍ୟା ସ୍ତ୍ରୀ ରତ୍ନଂ ଦୁଷ୍କୁଳା ଦପି"

ଯୌତୁକପ୍ରଥା ଆଜି ଆମ-ସମାଜ ଦେହରେ ମହାବ୍ୟାଧି ରୂପେ ପରିଣତ ହୋଇଛି ।ଏହି ବ୍ୟାଧି ଦିନକୁ ଦିନ ବଢିଚାଲିଛି ।କୌଣସି ଉପଚାରରେ ଉପଶମ ହେବାର ଦେଖାଯାଉ ନାହିଁ ।ଏହା ଦ୍ୱାରା ଦରିଦ୍ର ପିତାମାତା ସର୍ବସ୍ୱାନ୍ତ ହୋଇ କାନ୍ଦୁଛନ୍ତି ।ଧନୀ ବ୍ୟକ୍ତିମାନେ ଏହାକୁ ବଢାଇ ଚାଲିଛନ୍ତି । ମାତ୍ର ଗରିବ ଲୋକମାନେ ତାଙ୍କ ପଛରେ ଅନୁଧାବନ କରିବା ଦ୍ୱାରା ଆଣ୍ଠୁଗଣ୍ଠି ଛିଣ୍ଡୁଛି । ଘରଡିହ ବିକ୍ରି କରି ଯୌତୁକ ଦେବାକୁ ବାଧ ହେଉଛନ୍ତି ଏହା ସର୍ପ-ଚୁଚୁନ୍ଦ୍ରା ନ୍ୟାୟ ଭଳି ବୋଧ ହେଉଅଛି । ଏଥିରେ ନାରୀର ମୂଲ୍ୟବୋଧ ତଥା ମର୍ଯ୍ୟାଦା ହ୍ରାସ ପାଉଛି । ନାରୀ ନିର୍ଯ୍ୟାତନା ବୃଦ୍ଧି ପାଉଛି । ତେଣୁ ଏହାର ଉଚ୍ଛେଦି କରଣ ସମସ୍ତଙ୍କର କାମ୍ୟ ହେବ ଉଚିତ୍ ।ସମସ୍ତେ ସଂବେଦନଶୀଳ ହେବା ଉଚିତ୍ ।

ତୁମରି ପାଇଁ କରନ୍ତି ଚିନ୍ତା ଦରିଦ୍ର ମାତାପିତା
ଅବାଞ୍ଛନୀୟ ତୁମରି ଜନ୍ମ ଲାଗଇ ତା'ଙ୍କୁ ପିତା ।
କାହିଁକି ଆଜି ସମାଜେ ତୁମେ ହୋଇଛ ତିକ୍ତ ମଧୁ
ଯୌତୁକ ପାଇଁ ନିଅ ଗୋ ଚିତା ମୋ ଦେଶ କୁଳବଧୂ ॥

(ସ୍ୱରଚିତ କବିତାରୁ ଉଦ୍ଧୃତ...)

ପୁରୁଷସଙ୍ଗେ ନାରୀର ଭୂମିକା ଆଜି ସବୁ କ୍ଷେତ୍ରରେ ଅପରିହାର୍ଯ୍ୟ । ଶିକ୍ଷା-ଦୀକ୍ଷା ରାଜନୈତିକ ; ଧର୍ମନୈତିକ ସବୁସ୍ଥଳେ ନାରୀର ଭୂମିକା ପ୍ରଶଂସନୀୟ । ତେଣୁ ଇଶ୍ୱର ପୁତ୍ର କିମ୍ବା କନ୍ୟା ଦିଅନ୍ତୁ ; ସବୁଥିରେ ସନ୍ତୁଷ୍ଟ ରହିବା ଉଚିତ୍ । ମାତ୍ର ଅସନ୍ତୁଷ୍ଟ ଦୁଃଖର ସମସ୍ୟା ସୃଷ୍ଟି କରିଥାଏ । ପୁତ୍ରଟିଏ ହେଲେ ପିଣ୍ଡ ଦେବ; କୁଳ ରକ୍ଷା ହେବ ଏହି ଅନ୍ଧ ବିଶ୍ୱାସର ଶିକାର ହୋଇ କେତେ ଦରିଦ୍ର ପିତାମାତାଙ୍କର ପୁତ୍ରଟିଏ ହେବ ଅପେକ୍ଷା କରି ୫।୭ ଟି କନ୍ୟା ଜନ୍ମ ହେଉଛନ୍ତି । ଏହି କନ୍ୟମାନେ ସଂସାରରେ ଅଭିଶପ୍ତ ସନ୍ତାନ । ଦରିଦ୍ର ପିତାମାତା ଯୌତୁକ ଦେଇନପାରିବା ହେତୁ ଦୁଃଖ-ନିର୍ଯ୍ୟାତନା ଭୋଗ କରନ୍ତି ।

କିନ୍ତୁ ହାୟ ଦେବୀ ! ଆଜି କେଉଁ ଅଭିଶାପେ-
ପାଷାଣୀ ଅହଲ୍ୟା ସମ ଦାରୁଣ ସଂତାପେ-
ସହୁଛ ଜୀବନେ ବହୁ ଦୁଃଖ ନିର୍ଯ୍ୟାତନା
ସ୍ୱାର୍ଥପର ସମାଜର ତାଡନା-ଲାଞ୍ଛନା ॥

ଅମୂଲ୍ୟ ରତନ ତୁମେ ଭବେ ମୂଲ୍ୟହୀନା
ଗ୍ରହଣ ନ ହୁଅ କେବେ ଯଉତୁକ ବିନା ।

(ସ୍ୱରଚିତ କବିତାରୁ ଉଦ୍ଧୃତ...)

କୁଢ କୁଢ ଫୁଲତୋଳି ଦେବମୂର୍ତ୍ତିର ସର୍ବାଙ୍ଗରେ ମଣ୍ଡନ କରିବା ଏକ ଅନ୍ଧବିଶ୍ୱାସ । ଏହା ଦ୍ୱାରା ଅପରାଧ ହୁଏ । ଫୁଲଗଛର ସୌନ୍ଦର୍ଯ୍ୟ ନଷ୍ଟ ହୋଇ ଯାଏ । ପ୍ରଦୂଷିତ ବାୟୁ ବିଶୋଧିତ ହୋଇପାରେ ନାହିଁ । ତେଣୁ ଫୁଲଟିଏ କହେ-

ଦେବତାଙ୍କ ଶିରେ ବସିବାକୁ ମୋର

ନାହିଁ ଟିକେ ଅଧିକାର ।

ନ ଜାଣେ ଅଜ୍ଞାନ ଦିଅଁ ପୂଜି ହୁଏ

କେତେ ଅପରାଧ ତାର ।

ଭ୍ରାନ୍ତ ଏ ମାନବ ନ ବୁଝଇ ମୋତେ

ନ ଜାଣେ ମୂଲ୍ୟ ମୋହର ।

ସ୍ୱଧର୍ମକୁ ମୋର କରଇ ବିନାଶ

ହୋଇ କେତେ ସ୍ୱାର୍ଥପର ।

ସ୍ରଷ୍ଟାଙ୍କ ନିର୍ଦ୍ଦେଶେ ଫୁଟି ଅଛି ମୁହିଁ

ସୃଷ୍ଟିର କଲ୍ୟାଣ ପାଇଁ ।

ପ୍ରାଣୀଙ୍କ ପରାଣ ବଞ୍ଚିବାକୁ ସିନା

ଅମ୍ଳଜାନ ଦେଉଥାଇ ।

ଯାହାଙ୍କ ସତ୍ୟ-ସିଦ୍ଧାନ୍ତ ଏବଂ ନ୍ୟାୟ ଧର୍ମର ଅନୁକୂଳ ତାହା ବିଶ୍ୱାସ ଯୋଗ୍ୟ ଅଟେ । ଅନ୍ଧବିଶ୍ୱାସରେ ପଡି ଅନ୍ଧାନୁସରଣ କଲେ କିଛି ଲାଭ ହୁଏ ନାହିଁ ବରଂ ଶ୍ରମମାତ୍ର ସାର ହୁଏ । ପୁଣ୍ୟାର୍ଜନ ପରିବର୍ତ୍ତେ ଅପରାଧ ହୋଇଥାଏ ।

"ସର୍ବେ ଭବନ୍ତୁ ସୁଖୀନଃ"

**ଜହ୍ନିତଇଳା, ଢେଙ୍କାନାଳ**

# କାଗଜ ଫୁଲ

ସନ୍ତୋଷ ସାଗର ମିଶ୍ର

"ମେହେକ ଗୋଟିଏ ବଗିଚାରେ ବୁଲୁଥାଏ । ସେଠି ଅନେକ ସୁନ୍ଦର ଫୁଲ ଥାଏ, ହେଲେ ଏତେ ସୁନ୍ଦର ଫୁଲ ଥାଇବି ସେଠି ନଥାଏ କେବଳ ବାସ୍ନା । ଟିକିଏ ସୁଗନ୍ଧ ବାରିବା ପାଇଁ ଯେବେ ମେହେକ ଗୋଟେ ଫୁଲ ଗଛ ପାଖକୁ ଯାଇ ଫୁଲଟିଏ ଧରିଲା ତାର ସ୍ପର୍ଶ ପାଇବା ମାତ୍ରେ ଫୁଲଟି ନିସ୍ତେଜ ହୋଇ ଝରି ପଡିଲା । ହତବାକ୍ ଭାବରେ ମେହେକ ଆଉ ଗୋଟିଏ ଫୁଲ ଧରିଲା; ତା ବି ଝରିଗଲା। ଗୋଟେ ପରେ ଗୋଟେ ବଗିଚା ଯାକର ସବୁ ଫୁଲ ସୁଗନ୍ଧହୀନ ହୋଇ ତଳେ ଝରି ପଡିଲା । ସେଇ ଝରା ଫୁଲ ଗୁଡିକ ଏକାଠି ହୋଇ ହଠାତ୍ ଏକ ମଣିଷର ରୂପ ନେଲେ । ସେଇ ମଣିଷଟି ମେହେକ ପାଖକୁ ଆସି ଯେବେ ତା ଆଡେ ହାତ ବଢାଇଲା ମେହେକ ଦେଖିଲା ମଣିଷଟିର ମୁହଁ ନାହିଁ । କିଛି ପ୍ରତିକ୍ରିୟା କରିବା ଆଗରୁ ସେଇ ଫୁଲ-ମଣିଷଟି ମେହେକକୁ କହିଲା "ଦଗାବାଜ "  "।

ମେହେକର ନିଦ ଭାଙ୍ଗିଗଲା । ଗତ କିଛି ସପ୍ତାହ ଧରି ମେହେକ ସବୁଦିନ ଏଇ ସ୍ୱପ୍ନଟି ଦେଖୁଛି । ମନୋବିଜ୍ଞାନରେ ଅଧ୍ୟାପିକା ହୋଇବି ମେହେକ ଏ ସ୍ୱପ୍ନର ଅର୍ଥ ବୁଝି ପାରିନି । ନିଜର ସହକର୍ମୀ ମାନଙ୍କ ପରାମର୍ଶକ୍ରମେ କିଛି ଦିନ ପାଇଁ ଛୁଟି ଆଣି ସହରରୁ ଦୂର ନିଜ ମାମୁଁ ଘରର ଗାଁକୁ ବୁଲି ଚାଲି ଆସିଛି ।

ସେଠାକାର ପରିବେଶ ବେସ୍ ନିଆରା ହେଲେବି ତା ମନକୁ ଶାନ୍ତି ମିଳିନି । କେଉଁ ବିସ୍ମୃତ ଅତୀତର ଅଜଣା ଅଧ୍ୟାୟ ଏବେବି ତା ଆତ୍ମାକୁ କଷ୍ଟ ଦେଉଥାଏ । କିଛିଦିନ ପରେ ଗାଁ ମନ୍ଦିର ଆଡେ ସକାଳୁ ସକାଳୁ ବୁଲି ଯାଇଥାଏ । କେହିବି ଲୋକ କି ପୂଜାରୀ ବି ଆସି ନଥାନ୍ତି । ହେଲେ ମଧ୍ୟ ବୟସ୍କା ସ୍ତ୍ରୀ ଲୋକଟିଏ ମନ୍ଦିର ସଫା କରୁଥାଏ । ମେହେକ ଉପରେ ଯେବେ ସେ ସ୍ତ୍ରୀଲୋକଟିର ନଜର ପଡିଲା ସେ ନିଜ କାମ ଛାଡି ମେହେକ ପାଖକୁ ଦଉଡି ଆସିଲା , ମେହେକ ଦେଖିଲା ସ୍ତ୍ରୀଟିର ସାମ୍ନା ଦାନ୍ତ କେତୋଟି ଭାଙ୍ଗି ଯାଇଛି, ମୁହଁ ଯାକ ଖଣ୍ଡିଆ ଦାଗ, ଅତି ଅସୁନ୍ଦର ଚେହେରା ।ହେଲେ ତା

ହସ, ସତେ ଯେମିତି ଅନେକ ଦିନର ହଜିଲା-ଧନ ଫେରି ପାଇଛି। ସ୍ତ୍ରୀଲୋକଟି କହିଲା "ମିକୁ, ତୁ ଆସିଛୁ " ଏଇ ପଦକ ଶୁଣିବା ପରେ ମେହେକ ନିଜ ସ୍ୱପ୍ନର ମୁହଁ ନଥିବା ଫୁଲ-ମଣିଷଟି କଥା ମନେ ପଡିଗଲା ।ନିଜ ବିସ୍ମୃତ ଅତୀତର କର୍ମ ମନେପଡିଗଲା, ନିଜ ସ୍ୱପ୍ନର ଉତ୍ତରବି ମିଳିଗଲା। ଭୟରେ ସେ ଦଉଡି ଘରକୁ ଚାଲି ଆସିଲା ।

ଅନେକ ବର୍ଷ ପୂର୍ବେ ଯେବେ ମେହେକ ସେହି ଗାଁରେ ରହି ସ୍କୁଲରେ ପଢୁଥିଲା ତାର ଅତିପ୍ରିୟ ସାଙ୍ଗଥିଲା ଫୁଲ, ଦୁହେଁ ଦୁଇ-ଦେହ ଏକପ୍ରାଣ ଥିଲେ , ପାଠରେ, ଗୁଣରେ, ରୂପରେ କେହି କାହାଠାରୁ ଊଣାନୁହେଁ । ଫରକ ଥିଲା କେବଳ ସ୍ୱପ୍ନର , ଫୁଲ ପାଠପଢି ଶିକ୍ଷୟିତ୍ରୀ ହବାକୁ ଚାହୁଁଥିଲା, ଛୋଟ ଜାତିର ବୋଲି ତା ପଢାରେ କେତେ ଅସୁବିଧା ହେଉଛି ସେ ଜାଣିଥିଲା, ଶିକ୍ଷୟିତ୍ରୀ ହୋଇ ସଭିଙ୍କୁ ପଢାଇବ, ଏହା ଥିଲା ତା ଜୀବନର ଲକ୍ଷ୍ୟ । ହେଲେ ମେହେକ ପୁରା ବେପରୁଆ , କେବେଳ ହସି ଗାଇ ଜୀବନ କାଟିଦବାର ଇଛା । ରାଜ୍ୟସ୍ତରୀୟ ବୃତ୍ତି ପରିକ୍ଷା ପାଇଁ ତାଙ୍କ ଜିଲ୍ଲାରୁ ସେହି ଦୁଇଜଣ ହିଁ ମନୋନୀତ ହୋଇଥିଲେ ।

ସବୁ କଥାରେ ଯତ୍ନଶୀଳ ଫୁଲ ଭଲ ଭାବରେ ପ୍ରସ୍ତୁତି କରିଥାଏ ଆଉ ପରୀକ୍ଷାରେ ଉତ୍ତର ଲେଖିଚାଲିଥାଏ , ହେଲେ ମେହେକ ନିଜ ଖାମ-ଖିଆଲି ଢଙ୍ଗ ଲାଗି ଅନୁତାପ କରି ବସିଥାଏ , କିଛି ଉତ୍ତର ତାକୁ ଆସୁନଥାଏ । ଫୁଲ ପାଣି ପିଇ ଯାଇଥିବା ବେଳେ ତାର ଅଜାଣତରେ ମେହେକ ଫୁଲର ଉତ୍ତର ପତ୍ରଟି ଆଣି କିଛି ଉତ୍ତର ଲେଖୁଥାଏ । ଫୁଲ ଫେରି ଆସିବା ପରେ ଯେବେ ମେହେକ ଉତ୍ତରପତ୍ରଟି ଫେରାଇବାକୁ ଚେଷ୍ଟା କଲା ସେ ନିରୀକ୍ଷଙ୍କ ହାତରେ ଧାରା ପଡିଗଲା ଆଉ ମେହେକ ହଡବଡେଇ ଯାଇ ସବୁ ଦୋଷ ଫୁଲ ଉପରେ ଲଦି ଦେଲା । ଫୁଲ ସବୁ ଜାଣିବି ନୀରବ ରହି ଯାଇଥିଲା । କହିବା ବାହୁଲ୍ୟ ମେହେକ ବୃତ୍ତି ପାଇ ସହରକୁ ପଢିବାକୁ ଗଲା ଆଉ ଫୁଲକୁ ନିଜ ସ୍କୁଲରୁ ବି ବାହାର କରିଦିଆ ଯାଇଥିଲା ।

ବାହାରେ ନିଜର ପରିଚୟ ସୃଷ୍ଟି କରିଥିବା ମେହେକ , ହେଲେ ଏ ତ ଚୋରିର ଖ୍ୟାତି, ମେହେକର ଗୌରବର ସୌଧ ଫୁଲର ନୀରବତାର ପୃଷ୍ଠଭୂମିରେ ଛିଡା ହୋଇଥିଲା I କିଛି ଦୋଷ ନ ଥାଇବି ଫୁଲ ନିଜର ଯଶ ହରେଇ ଦେଇଥିଲା ; ସବୁ ଗୁଣ ଥାଇବି ବାସ୍ନା ନଥିବା କାଗଜ ଫୁଲ ପରି ଅଲୋଡା ହେଇ ଯାଇଥିଲା I

ମେହେକ ଏବେ ବସି ଭାବୁ ଥାଏ ସେ ଫୁଲକୁ କେମିତି ମୁହଁ ଦେଖେଇବ। ତା ପାପର ତ ପ୍ରାୟଶ୍ଚିତ ନାହିଁ , ତାର ଭୁଲଲାଗି ଫୁଲର ସ୍ୱପ୍ନ,ଜୀବନ ସବୁ ନଷ୍ଟ ହେଇଯାଇଛି। ଅତୀତର ଘଟଣାକୁ କେବେବି ବଦଳେଇ ପାରିବନି ସେ I କିଛି ନହେଲେ ଫୁଲ ଗୋଡଧରି ଭୁଲ ମାଗିନବ ସେ , ଏଇଆ ଭାବି ମେହେକ ପରଦିନ ପୁଣି ମନ୍ଦିର ଗଲା I ମନ୍ଦିର ଆଗରେ ଫୁଲ ପାହାଞ୍ଚରେ ବସି ମେହେକକୁ ଅପେକ୍ଷା କରିଥାଏ, ଫୁଲ ଆଖିରେ ଖୁସି ଆଉ ଓଠରେ ହସ ଥାଏ , ସେ ହସରେ କେବଳ ଆନ୍ତରିକତା ଥାଏ ,ଫୁଲର କିଛି ଅଭିଯୋଗ ନଥାଏ। ଫୁଲ ପାଖକୁ ଆସିଲା, ନିଜ ଭଉଣୀ ପରି ମେହେକର ହାତ ଧରିନେଲା ଆଉ କହିଲା "ଚାଲ, ଫୁଲ ତୋଳିଯିବା " I ମେହେକ ବୁଝି ପାରୁଥାଏ, ସେ ନିଜେ କାଗଜ ଫୁଲ ଯିଏ ଆଉ କାହାର ବାସ୍ନା ଚୋରେଇ ନେଇଥିଲା ,ଆଉ ଆଜି ବାସ୍ନା ନିଜେ ତା ହାତ ଧରି ଚାଲିଛି। ଫୁଲ ଏତେ କିଛି ଭାବୁ ନଥାଏ; ସେ ଖାଲି ଜାଣିଛି,ତାର ପୁରୁଣା ସାଙ୍ଗ ଫେରି ଆସିଚି I

ଫୁଲ ଆଉ ମେହେକ, ହାତ ଧରାଧରି ହୋଇ ବଗିଚାଆଡକୁ ଯାଉଥାନ୍ତି I

**ରଣପଶି,ଢେଙ୍କାନାଳ**

ପ୍ରିୟ ପାଠକ ଓ ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ଚତୁର୍ଥ ସଂସ୍କରଣ । ଏହି ଜାନୁୟାରୀ ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ  ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

**ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ**

**(www.preranaodia.com/feedback)ପ୍ରଦାନ କରିବାକୁ ଅନୁରୋଧ ।**

# www.preranaodia.com




www.facebook.com/epicclickz/